بسم الله الرحمن الرحيم

# ୨୧,ମାର୍ଚ୍ଚ - ୨୦୧୪ ଖୁତବଃ ଜୁମାର ସାରାଂଶ

***ସ୍ଥାନ* : ମସଜିଦ୍ ବୈତୁଲ ଫୁତୁହ, ଲଣ୍ଡନ** ***ସୌଜନ୍ୟ* : ନେଜାରତ୍ ନଶରୋ ଇଶାଅତ, କାଦିୟାନ**

ତଶହହୁଦ୍, ତା'ଉଜ୍ ଏବଂ ସୁରା ଫାତିହା ଆବୃତ୍ତି କରି ସାରି ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] କହିଲେ, ଆଜିର ଖୁତବଃରେ ମୁଁ ହଜରତ ମସିହ ମଉଦ[ଅସ]ଙ୍କ ଲେଖନୀରୁ ସେହିସବୁ ଉଦ୍ଧୃତାଂଶ ଉପସ୍ଥାପନ କରିବି, ଯାହା ତାଙ୍କର ଆଗମନର ସତ୍ୟତାର ନିଦର୍ଶନ ଏବଂ ଦୈବି ମହିମା ଉପରେ ଆଧାରିତ ।

ହଜୁର[ଅବ] ହଜରତ ମସିହ ମଉଦ[ଅସ]ଙ୍କ ଆଗମନ ଏବଂ ସତ୍ୟତାର ପ୍ରମାଣ ସ୍ୱରୂପ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟ ପରାଗର ନିଦର୍ଶନକୁ ଉପସ୍ଥାପନ କରି କହିଲେ: 'ସହି ଦାରେ କୁତ୍‌ନୀ' ହଦିସରେ ଇମାମ ମୁହମ୍ମଦ ବାକର୍[ରଅ] କହିଛନ୍ତି:

إِنَّ لِمَهْدِيِّنَا آيَتَيْنِ لَمْ تَكُونَا مُنْذُ خَلْقِ السَّمٰوَاتِ وَالْأَرْضِ

يَنْكَسِفُ الْقَمَرُ لِأَوَّلِ لَيْلَةٍ مِنْ رَمَضَانَ وَتَنْكَسِفُ الشَّمْسُ فِي النِّصْفِ مِنْهُ

**ଇନ୍ନା ଲେ ମହ୍‌ଦିୟେନା ଆୟାତୈନେ ଲମ୍ ତକୁନା ମୁନ୍‌ଜୋ ଖଲିକିସ୍ ସମାୱାତି ୱଲ୍ ଅରଜି ୟନ୍ କସିଫୁଲ କମରୁ ଲି ଅୱଲେ ଲୈଲତିନ୍ ମିନ୍ ରମଜାନା ୱ ତନ୍ କସିଫୁଶ୍ ଶମ୍‌ସୁ ଫିନ୍ ନିସ୍‌ଫି ମିନ୍‌ହୁ ।**

**ଅର୍ଥାତ:** ଆମ ମହ୍‌ଦୀଙ୍କ ପାଇଁ ଦୁଇଟି ଆକାଶୀୟ ଚିହ୍ନ ରହିଛି, ଯାହା ଆକାଶ ଏବଂ ପୃଥିବୀ ସୃଷ୍ଟି ହେଲା କାଳରୁ ଅନ୍ୟ କୌଣସି ରସୁଲ ( ବାର୍ତ୍ତାବହ) ଏବଂ ମାମୁର୍ (ଅବତାର)ଙ୍କ ସକାଶେ ପ୍ରକଟିତ ହୋଇ ନାହିଁ । ତନ୍ମଧ୍ରୁ ଗୋଟିଏ ହେଉଛି: ମହ୍‌ଦି ମାହୁଦଙ୍କ ଯୁଗରେ ରମଜାନ ମାସରେ ଚନ୍ଦ୍ରକୁ ଗ୍ରହଣ ଲାଗୁଥିବା ରାତିମାନଙ୍କ ମଧ୍ୟରୁ ପ୍ରଥମ ରାତ୍ରି ଅର୍ଥାତ୍ ୧୩ ତାରିଖ ରାତିରେ ଏବଂ ସୂର୍ଯ୍ୟକୁ ଗ୍ରହଣ ଲାଗୁଥିବା ଦିନମାନଙ୍କ ମଧ୍ୟରୁ ମଝି ଦିବସ ଅର୍ଥାତ୍ ୨୮ ତାରିଖ ଦିନରେ ସଂଘଟିତ ହେବ । ଏହା ସୃଷ୍ଟି ଜଗତର ଆରମ୍ଭରୁ ଅନ୍ୟ କାହାର ଆବିର୍ଭାବ ପାଇଁ କେବେ ଦେଖାଯାଇ ନ ଥିଲା ଏବଂ ଏହା କେବଳ ମହଦୀଙ୍କ ପାଇଁ ବିଧି ନିର୍ଦ୍ଦିଷ୍ଟ ଥିଲା । ଏବେ ସମସ୍ତ ଇଂରାଜୀ ଏବଂ ଉର୍ଦ୍ଦୁ ସମ୍ବାଦପତ୍ରର ବିଶେଷଜ୍ଞମାନେ ଏହାର ସାକ୍ଷୀ ଯେ ମୋର ଏହି ସମୟ କାଳରେ ହିଁ ଏହି ଚନ୍ଦ୍ରଗ୍ରହଣ ଏବଂ ସୂର୍ଯ୍ୟପରାଗ ରମଜାନ ମାସରେ ଆକାଶରେ ଦୃଶ୍ୟମାନ ହେଲା, ଯାହାକୁ ବାର ବର୍ଷ ବିତିଗଲାଣି । ପ୍ରଥମେ ଏହି ଦେଶରେ ଏବଂ ଦ୍ୱିତୀୟ ଥର ଆମେରିକାରେ । ଦୁଇ ଥର ଯାକ ସେହି ନିର୍ଦ୍ଦିଷ୍ଟ ତାରିଖରେ ସଂଘଟିତ ହେଲା, ଯାହା ସଂବନ୍ଧରେ ହଦିସରେ ସଂକେତ ରହିଥିଲା । ଯେହେତୁ ଏଥିପାଇଁ ମୋ ପରି ଅନ୍ୟ କେହି ଶହ ଶହ ସଂଖ୍ୟାରେ ଇସ୍ତେହାର ଦେଇ ନାହାନ୍ତି କି ପାରସୀ ଏବଂ ଆରବୀରେ ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ଏହା ପ୍ରକାଶିତ ହୋଇନାହିଁ । ତେଣୁ ଏହି ନିଦର୍ଶନ କେବଳ ମୋ ପାଇଁ ଉଦ୍ଦିଷ୍ଟ । ଏହାର ଦ୍ୱିତୀୟ ପ୍ରମାଣ ହେଉଛି ଯେ ବାର ବର୍ଷ ପୂର୍ବେ ଅଲ୍ଲାଃ ଏହି ଆକାଶୀୟ ଚିହ୍ନ ମୋ ପାଇଁ ପ୍ରକାଶିତ ହେବ ବୋଲି ମୋତେ ସୂଚନା ଦେଇଥିଲେ । ଏହି ଚିହ୍ନର ପରିପ୍ରକାଶ ହେବା ପୂର୍ବରୁ ଏହାର ଖବର 'ବ୍ରାହୀନେ ଅହମଦୀୟା' ପୁସ୍ତକରେ ଲିପିବଦ୍ଧ କରାଯାଇଛି ଏବଂ ଲୋକମାନେ ଏଥି ସଂବନ୍ଧରେ ଆଗରୁ ଅବଗତ ହୋଇ ସାରିଛନ୍ତି ।

**ହଜରତ ମସିହ ମଉଦ[ଅସ] କହନ୍ତି:** ଏହି ହଦିସ୍ ପାର୍ଥିବ ଦୁନିଆର ଅନ୍ତରାଳରେ ରହିଥିବା ଏକ ରହସ୍ୟାବୃତ୍ତ ଗୁଢତତ୍ତ୍ୱ ଉପରେ ଆଧାରିତ । ଯାହା ତେର ଶହ ବର୍ଷ ପରେ ଲୋକଲୋଚନକୁ ଆସିଲା । ଏହାର ତାତ୍ପର୍ଯ୍ୟ ହେଉଛି, ଯେତେବେଳେ ଇମାମ ମେହଦୀ ଆବିର୍ଭୁତ ହେବେ, ତାଙ୍କ ସମୟରେ ରମଜାନ ମାସରେ ତେର ତାରିଖ ରାତ୍ରିବେଳା ଚନ୍ଦ୍ରଗ୍ରହଣ ଏବଂ ଅଠେଇଶ ତାରିଖ ଦିନବେଳା ସୂର୍ଯ୍ୟ ପରାଗ ହେବ । ଏହା ନିଜକୁ ମହଦୀ ରୂପେ ଦାବୀ କରୁଥିବା ଜଣେ ମୁଦ୍ଦଇ (ଦାବିଦାର) ବ୍ୟତୀତ କେବେ ଅନ୍ୟ କାହା ସମୟରେ ପ୍ରକଟିତ ହେବ ନାହିଁ । ତେଣୁ ଏହି ଗୁପ୍ତ ଭେଦକୁ ଖୋଲାଖୋଲି ଭାବରେ ଅଲ୍ଲାଃଙ୍କ ପ୍ରେରିତ ନବିଙ୍କ ଛଡା ଅନ୍ୟ କେହି ବତାଇ ପାରନ୍ତି ନାହିଁ । ଅଲ୍ଲାଃତାଲା ପବିତ୍ର କୋରାନରେ କହିଛନ୍ତି:

لا يظهر على غيبه احدا الا من ارتضى من رسول

**ଲା ୟୁଜ୍‌ହେରୋ ଅଲା ଗୈବିହୀ ଅହଦା ଇଲ୍ଲା ମନ୍ ଅର୍‌ତଜା ମିର୍ ରସୁଲା:**

**ଅର୍ଥାତ:** ଈଶ୍ୱର ନିଜ ଗୁପ୍ତ ରହସ୍ୟର ଭେଦକୁ ଆପଣା ରସୁଲମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନ୍ତି ନାହିଁ । ତେଣୁ ଯେତେବେଳେ ଅଲ୍ଲାଃଙ୍କର ନିଜ ପ୍ରିୟ ରସୁଲମାନଙ୍କ ପ୍ରତି କରିଥିବା ଏହି ଭବିଷ୍ୟତବାଣୀ ସଂପୂର୍ଣ୍ଣ ଭାବରେ ପୂରଣ ହୋଇ ସାରିଛି, ସେତେବେଳେ ଏପରି ବାହାନାବାଜି କରି କହିବା ଯେ ଏହା ଏକ ଦୁର୍ବଳ ହଦିସ ଏବଂ ଇମାମ ବାକରଙ୍କ ନିଜସ୍ୱ ମନଗଢା କଥା ହୋଇଥିବ,ଏପରି ଭାବିବା ଅବାନ୍ତର । କଥା ହେଉଛି, ଏମାନେ କେବେ ଚାହାନ୍ତି ନାହିଁ ଯେ ହଜରତ ମୁହମ୍ମଦ[ସଅ] କରିଥିବା କୌଣସି ଭବିଷ୍ୟତବାଣୀ ପୂରଣ ହେଉ କିମ୍ବା ପବିତ୍ର କୋରାନର ଆଗତ ଭବିଷ୍ୟତ କଥନ ସତ୍ୟସିଦ୍ଧ ହେଉ । ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ପୂରଣ ହେବାରେ ଏହି ଦୃଷ୍ଟାନ୍ତ ଏକ ମହାନ ସତ୍ୟର ସ୍ୱାକ୍ଷର ବହନ କରେ ।

ଅନ୍ୟ ଏକ ନିଦର୍ଶନର ଉଲ୍ଲେଖ କରି ହଜରତ ମସିହ ମଉଦ[ଅସ] ଏହିପରି କହିଛନ୍ତି: ମୋ ପିତା (ଗୁଲାମ ମୁର୍ତ୍ତେଜା)ଙ୍କର ସୂର୍ଯ୍ୟାସ୍ତ ପରେ ମୃତ୍ୟୁ ହୋଇଯିବ ବୋଲି ଯେତେବେଳ ମୋତେ ଖବର ଦିଆଗଲା, ମୁଁ ଜଣେ ସାଧାରଣ ମରଣଶୀଳ ମଣିଷ ହିସାବରେ ଏହା ଶୁଣି ଦୁଃଖରେ ଭାଙ୍ଗି ପଡିଲି । ଆମ ଭରଣ ପୋଷଣର ଦାୟିତ୍ୱ ବାପାଙ୍କ ଜୀବନ ସହିତ ଜଡିତ ଥିଲା ଏବଂ ଆମ ଗୁଜରାଣର ମେଣ୍ଟାଇବାର ଅଧିକାଂଶ ଭାଗ ତାଙ୍କ ଉପରେ ନିର୍ଭର କରୁଥିଲା । ସେ ସରକାରଙ୍କ ଠାରୁ ପେନସନ ପାଉଥିଲେ ଏବଂ ଜାଗିରଦାର ରୂପେ କାର୍ଯ୍ୟ ତୁଲେଇଥିବାରୁ ବହୁ ସମୟରେ ପୁରସ୍କାର ସ୍ୱରୁପ ଅର୍ଥରାଶି ମିଳୁଥିଲା । ଯାହା ସେ ଜୀବିତ ରହିଥିବା ପର୍ଯ୍ୟନ୍ତ ପାଇବା ପାଇଁ ହକଦାର ଥିଲେ । ଏହିସବୁ ଦୃଷ୍ଟିରୁ ମୋତେ ଭାଳେଣି ପଡିଲା ଯେ ତାଙ୍କ ମୃତ୍ୟୁ ପରେ ଆମ ଅବସ୍ଥା କ'ଣ ହେବ । ବୋଧହୁଏ ଆମକୁ ବହୁ ଦୁଃଖ କଷ୍ଟରେ ଦିନ କାଟିବାକୁ ପଡିବ । ଏହି ସବୁ ଭାବନା ବିଜୁଳି ବେଗରେ ମୋ ଦେହରେ ଖେଳିଗଲା ଏବଂ ମୋ ହୃଦୟକୁ ବ୍ୟଥିତ କଲା । ମୁଁ ଭାରାକ୍ରାନ୍ତ ମନରେ ନୀରବରେ ବସିଥିବା ବେଳେ ମୋତେ ଅର୍ଦ୍ଧ ଚେତନ ଅବସ୍ଥାରେ ହଠାତ ଏକ ଶୂନ୍ୟବାଣୀ ହେଲା:

**ଆଲେ ସଲ୍ଲାହୁ ବିକାଫିନ୍ ଅବ୍‌ଦହୁ:** اليس الله بكاف عبده

**ଅର୍ଥାତ:** 'କ'ଣ ଅଲ୍ଲାଃ ଭକ୍ତଙ୍କ ସକାଶେ ଯଥେଷ୍ଟ ନୁହନ୍ତି ?' ଏହି ଦୈବିବାଣୀ ମୋ ଦେହରେ ଏକ ଅପୂର୍ବ ଶକ୍ତି ସଂଚାର କଲା ଆଉ ମୁଁ ଏପରି ଅନୁଭବ କଲି, ସତେ ଯେମିତି ଏକ ଶକ୍ତ ଆଘାତ ପ୍ରାପ୍ତ ଜଖମ ଉପରେ ମଲମ ବୋଳିବା ଦ୍ୱାରା ତାହା ସଂପୂର୍ଣ୍ଣ ଭଲ ହୋଇଯାଇଛି । ଆତ୍ମ ସନ୍ତୋଷ ଲାଭ କରିବା ପାଇଁ ଈଶ୍ୱରଙ୍କ ବାଣୀରେ ଏକ ବିଶେଷ ଗୁଣ ରହିଛି ଏବଂ ସେହି ବିଶେଷତ୍ୱର ମୂଳରେ ଏପରି ବିଶ୍ୱାସ ରହିଛି, ଯାହା ଐଶ୍ୱରିକ ବାଣୀ ପ୍ରାପ୍ତ ହେବା ଦ୍ୱାରା ଉତ୍ପନ୍ନ ହୁଏ । ଏହି ବିଷୟକୁ ବହୁବାର ପରୀକ୍ଷା କରାଯାଇଛି । କିନ୍ତୁ ପରିତାପର ବିଷୟ ଯେ ଏଭଳି ଦୈବିବାଣୀର ବାସ୍ତବିକତାକୁ ଘୋଷଣା କରିବା ସତ୍ତ୍ୱେ ବିରୋଧି ଲୋକମାନେ କହନ୍ତି ଯେ ଆମ ବିଚାରରେ ମନଗଢା ବାଣୀ ତିଆରି କରି ଲୋକଙ୍କୁ କୁହାଯାଉଛି । ଜଣା ନାହିଁ ଯେ ଏହି ଦୈବି ବାଣୀଗୁଡିକ ଅଲ୍ଲାଃଙ୍କ ଶାଶ୍ୱତ ବାଣୀ ନା ନିଜ କପୋଳ କଳ୍ପିତ କାହାଣୀ, ଯାହାର କ୍ଷତି ଲାଭ ଠାରୁ ଅଧିକ । ମାତ୍ର ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି, ମୁଁ ସେହି ଐଶ୍ୱରିକ ବାଣୀଗୁଡିକ ପ୍ରତି ଠିକ ସେହିପରି ବିଶ୍ୱାସ ପୋଷଣ କରିଥାଏ, ଯେପରି କୋରାନ ପଂକ୍ତିକୁ ଈଶ୍ୱରଙ୍କ ବାକ୍ୟ ବୋଲି ମୁଁ ଦୃଢ ବିଶ୍ୱାସର ସହିତ ବିବେଚନା କରେ । ସେହିପରି ମୋ ପ୍ରତି ଅବତୀର୍ଣ୍ଣ ହେଉଥିବା ବାଣୀଗୁଡିକ ଈଶ୍ୱରଙ୍କ ଅଟଳ ବାକ୍ୟ ବୋଲି ମୁଁ ସ୍ୱୀକାର କରେ । କାରଣ ଏହି ବାଣୀରେ ଈଶ୍ୱରଙ୍କ ଜ୍ୟୋତିର ଚମକ ସହିତ ଦିବ୍ୟ ଶକ୍ତିର ଝଲକ ମିଳେ । ଯେତେବେଳେ ମୋତେ **'ଆଲୈସଲ୍ଲାହୁ ବିକାଫିନ୍ ଅବଦହୁ'**ର ଦୈବି ବାଣୀ ପ୍ରାପ୍ତ ହେଲା, ସେହି ମୂହୁର୍ତ୍ତରେ ମୁଁ ବୁଝିନେଲି ଯେ ଈଶ୍ୱର ମୋତେ ପରିତ୍ୟକ୍ତ କରିବେ ନାହିଁ । ଉକ୍ତ ବାଣୀକୁ ଆଜି ପର୍ଯ୍ୟନ୍ତ ଜୀବିତ ଥିବା ଜଣେ କାଦିୟାନ୍ ବାସିନ୍ଦା ହିନ୍ଦୁ କ୍ଷେତ୍ରୀୟ ମିଲାୱାମଲଙ୍କ ହାତରେ ଲେଖିକରି ଦେଲି ଏବଂ ତାଙ୍କୁ ସବୁ କଥା ଶୁଣାଇଲି । ତାଙ୍କୁ ଅମୃତସହର ପଠାଇ ଜଣେ ବଣିଆ ଦ୍ୱାରା ଏକ ମୁଦି ତିଆରି କରାଇଲି, ଯହିଁରେ ଏହି ବାକ୍ୟ ଖୋଦିତ କରାଗଲା । ଏହି କାର୍ଯ୍ୟ ମୌଲବି ମୁହମ୍ମଦ ଶରିଫ୍ କିଲାନୁରୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ସେହି ମୁଦି ପାଞ୍ଚ ଟଙ୍କା ବିନିମୟରେ ପ୍ରସ୍ତୁତ ହୋଇ ମୋ ପାଖରେ ପହଞ୍ଚିଗଲା, ଯାହା ଆଜି ପର୍ଯ୍ୟନ୍ତ ମୋ ନିକଟରେ ରହିଛି । ଏହି ମହତ୍ତ୍ୱପୂର୍ଣ୍ଣ ଭବିଷ୍ୟବାଣୀ ପ୍ରକାଶ ହେବାରେ ସେହି ହିନ୍ଦୁ ବ୍ୟକ୍ତି ସାକ୍ଷୀ ସ୍ୱରୁପ ରହିଲେ ଏବଂ ତତ୍ ସହିତ ମୌଲବୀ ମୁହମ୍ମଦ ଶରୀଫ ମଧ୍ୟ ସାକ୍ଷୀ ରହିଲେ । ଉକ୍ତ ଦୈବୀ ବାଣୀ ମୋ ଉପରେ ଏପରି ଦୁଃସମୟରେ ପ୍ରକଟିତ ହେଲା, ଯେତେବେଳେ ଆମର ଜୀବନ ନିର୍ବାହ ପାଇଁ ଗୁଜରାଣର ସମସ୍ତ ବ୍ୟବସ୍ଥା ଆମ ବାପାଙ୍କ ସ୍ୱଳ୍ପ ରୋଜଗାର ଉପରେ ନିର୍ଭର କରୁଥିଲା । ସେତେବେଳେ କୌଣସି ଜଣେ ହେଲେ ବି ବାହାର ଲୋକ ମୋତେ ଜାଣି ନ ଥିଲେ । ସମସ୍ତଙ୍କ ପାଇଁ ମୁଁ ଏକ ଅପରିଚିତ ଓ ଅଲୋଡା ବ୍ୟକ୍ତି ଥିଲି । କାଦିୟାନ ଭଳି ଏକ ଅନାମଧେୟ ଓ ଅଖ୍ୟାତ ଗ୍ରାମରେ ଏକ ନିଭୃତ କୋଣରେ ପଡି ରହିଥିଲି । ଏହାପରେ ଏପରି ହେଲା ଯେ ଈଶ୍ୱର ନିଜର ଭବିଷ୍ୟବାଣୀର ପ୍ରତିଶ୍ରୁତି ରକ୍ଷା କରି ଏକ ଦୁନିଆକୁ ମୋ ଆଡକୁ ଅନୁପ୍ରେରିତ କରିଦେଲେ । ମୋତେ ନିରନ୍ତର ଭାବରେ ସବୁ କ୍ଷେତ୍ରରେ ଜୟଯୁକ୍ତ କରାଇଲେ । ମୋତେ ଆର୍ଥିକ ସହାୟତା ଯୋଗାଇ ଏପରି ମୋ ପଛରେ ଛିଡା ହେଲେ, ଯାହାପାଇଁ ତାଙ୍କ ଠାରେ କୃତଜ୍ଞତା ଜଣାଇବା ପାଇଁ ମୋ ନିକଟରେ ଭାଷା ନାହିଁ । ଯେଉଁଠି ମାସିକ ମାତ୍ର ଦଶଟଙ୍କା ମିଳିବାର ଆଶା କରି ନଥିଲି, ସେପରି ସ୍ଥଳେ ଈଶ୍ୱର ମୋର ହାତକୁ ଧରି ଚାଲିଲେ । ଠିକ୍ ଯେମିତି ସେ ନିଃସ୍ୱ ଓ ଦରୀଦ୍ରକୁ ଧୂଳିରୁ ଉଠାଇ ତୋଳି ଧରନ୍ତି ଏବଂ ଅହଂକାରୀ ବିଭବଶାଳୀ ବ୍ୟକ୍ତିକୁ ଧୂଳିରେ ପକାଇ ତଳିତଳାନ୍ତ କରି ଦିଅନ୍ତି । ମୁଁ ଦୃଢତାର ସହ କହିପାରେ ଯେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ଟଙ୍କାରୁ ଅଧିକ ରାଶି ମୋ ଜମାଅତର ପାଣ୍ଠିରେ ଜମା ହୋଇ ସାରିଲାଣି । ଏହିପରି ଆୟରୁ ଧାରଣା କରାଯାଇପାରେ ଯେ ବର୍ଷ ବର୍ଷ ଧରି କେବେଳ ଲଙ୍ଗରଖାନାରେ ମାସିକ ଦେଢ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ଯାଉଛି । ଏହାଛଡା ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଓ ପୁସ୍ତକାଦିର ଛପା କାମରେ ଅଲଗା ବ୍ୟୟ ମଧ୍ୟ କରାଯାଉଛି । ଏଥିରୁ ସହଜରେ ଜାଣି ହୁଏ ଯେ ଭବିଷ୍ୟତ ବାଣୀ- 'କ'ଣ ଈଶ୍ୱର ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ନୁହନ୍ତି ?' କିପରି ଯଥାର୍ଥ ଭାବେ ପୂରଣ ହୋଇଛି । କ'ଣ ଏହା କୌଣସି ମିଛୁଆ ବା ପ୍ରତାରକର କାର୍ଯ୍ୟ ହୋଇପାରେ ଅଥବା କୌଣସି ଖଳ ପ୍ରକୃତି ଲୋକର କାମ ? କଦାପି ନୁହେଁ । ବରଂ ଏହା ସେହି ଈଶ୍ୱରଙ୍କ କାର୍ଯ୍ୟ, ଯାହାକୁ ଚାହାନ୍ତି ସେ ମର୍ଯ୍ୟାଦା ଦେଇ ପାରନ୍ତି ଏବଂ ଯାହାକୁ ଚାହିଁବେ ତା'ର ମର୍ଯ୍ୟାଦା ହାନୀ କରିପାରନ୍ତି । ସେ ଇଚ୍ଛା କଲେ କୌଣସି ବ୍ୟକ୍ତିକୁ ଉପରକୁ ଉଠାଇ ପାରନ୍ତି ଏବଂ ସେ ଇଚ୍ଛା କଲେ ପଦ ଦଳିତ କରିଦେଇ ପାରନ୍ତି । ଯଦି ମୋ କଥାରେ ବିଶ୍ୱାସ ହେଉନାହିଁ, ତା'ହେଲେ ବିଗତ ୨୦ବର୍ଷର ସରକାରୀ ଡାକଘର ରେଜିଷ୍ଟରକୁ ଖୋଲି ଦେଖନ୍ତୁ । ତା'ହେଲେ ଜଣା ପଡିବ ଯେ ମନିଅର୍ଡର ଯୋଗେ ଆସୁଥିବା ଅର୍ଥ ରାଶିର ପରିମାଣ କେତେ ?

ଜମାଅତର ଉନ୍ନତି ସଂବନ୍ଧରେ ହଜରତ ମସିହ ମଉଦ[ଅସ] ଙ୍କ ଭବିଷ୍ୟତ ବାଣୀ ଏବଂ ଦିବ୍ୟ କଥନ ପଢି ଶୁଣାଇବା ପରେ ହଜୁର[ଅବ] କହିଲେ, ଜମାଅତ ଅହମଦୀୟା ବିଶ୍ୱର ୨୦୪ଟି ଦେଶରେ ପ୍ରତିଷ୍ଠା ଅର୍ଜନ କରିଥିବାର ଆମେ ଆଜି ଦେଖୁଛୁ ଏବଂ କୋଟି କୋଟି ସଂଖ୍ୟାରେ ଏହାର ଅନୁଗାମୀ ରହିଛନ୍ତି । ପୃଥିବୀର କୋଣ ଅନୁକୋଣରେ MTA ମାଧ୍ୟମରେ ହଜରତ ମସିହ ମଉଦ[ଅସ] ପ୍ରେମ ଏବଂ ଶାନ୍ତିର ବାର୍ତ୍ତା ପହଞ୍ଚାଇ ଦିଆଯାଉଛି ।

ହଜୁର ଅନଓ୍ୱର[ଅବ] କହିଲେ ଯେ ଇଶ୍ୱରଙ୍କ ପ୍ରତିଶ୍ରୁତି ମୂଳକ ଏକ ଦୈବୀ ବାଣୀ ଯହିଁରେ ହଜରତ ମସିହ ମଉଦ ଅସଙ୍କୁ ଶତ୍ରୁଙ୍କ ଠାରୁ ସୁରକ୍ଷା ପ୍ରଦାନ କରାଯିବା ବିଷୟ କୁହାଯାଇଛି, ତାହା ଏହିପରି

يعصمك الله من عنده ولو لم يعصمك الناس

**ୟା ସିମୁକଲ୍ଲାହୁ ମିନ୍ ଇନ୍‌ଦେହୀ ଓ୍ୱ ଲଓଲମ୍ ୟାସିମୁକନ୍ ନାସୁ:**

**ଅର୍ଥାତ:** ଯଦି ଲୋକମାନେ ତୁମକୁ ସୁରକ୍ଷା ପ୍ରଦାନ ନ କରିବେ, ତାହେଲେ ଅଲ୍ଲାଃ ନିଶ୍ଚୟ ତୁମକୁ ସୁରକ୍ଷିତ ରଖିବେ ।

ଏ ସଂକ୍ରାନ୍ତରେ ହଜୁର ଏକ କୁଖ୍ୟାତ ପାଦ୍ରୀ ମାର୍ଟିନ୍ କ୍ଲାର୍କ କରିଥିବା ହତ୍ୟାର ମକଦ୍ଦମାରୁ ହଜରତ ମସିହ ଅସ କିପରି ଅଲୌକିକ ଭାବରେ ଦୋଷମୁକ୍ତ ହେଲେ, ସେ ସମ୍ବନ୍ଧରେ କରାଯାଇଥିବା ଭବିଷ୍ୟତବାଣୀ ପୂରଣ ହେବାର ସମସ୍ତ ସତ୍ୟାସତ୍ୟ ଘଟଣା ବର୍ଣ୍ଣନା କଲେ । ତାହା ହେଉଛି :

فبرأه الله مما قالوا وكان عند الله وجيها

**ଫବର୍‌ରାହୁଲ୍ଲାହି ମିମ୍ମା କା'ଲୁ ଅଓ କା'ନା ଇନ୍‌ଦଲ୍ଲାହି ଓଜୀହା**

**ଅର୍ଥାତ୍ :** 'ଅଲ୍ଲାଃ ତାଙ୍କୁ ସେହି ସବୁ ଅଭିଯୋଗରୁ ମୁକ୍ତ କଲେ, ଯାହା ତାଙ୍କ ପ୍ରତି ଦୋଷାରୋପ କରାଯାଇଥିଲା ଏବଂ ସେ ଈଶ୍ୱରଙ୍କ ସମୀପରେ ପବିତ୍ର ହେଲେ ।'

ସେ ପୁଣି କହିଲେ, ଆଜି ମଧ୍ୟ ସେହି ଐଶୀବାଣୀ କିପରି ଗୌରବର ସହିତ ପୂରଣ ହୋଇଛି ତାହା ଆପଣମାନେ ଦେଖନ୍ତୁ । ସେହି ପାଦ୍ରୀ ଡକ୍ଟର ମାର୍ଟନ କ୍ଲାର୍କର ଅଣନାତି ଜଲସା ଅବସରରେ ଆମ ସମ୍ମୁଖରେ ଏହା ଖୋଲା ଖୋଲି ଭାବରେ ପ୍ରକାଶ କଲେ ଯେ ମୋର ପିତାମହ ମିଥ୍ୟାବାଦୀ ଥିଲା ଏବଂ ମିର୍ଜା ଗୁଲାମ ଅହମଦ୍ କାଦିୟାନୀ ସତ୍ୟନିଷ୍ଠ ପୁରୁଷ ଥିଲେ । ତାଙ୍କର ଏହି ସ୍ୱୀକାରୋକ୍ତିକୁ ରେକର୍ଡ କରି ରଖାଯାଇଛି ଏବଂ ପୁସ୍ତକରେ ଲିପିବଦ୍ଧ ହୋଇଛି ।

ହଜୁର[ଅବ] ସେହିପରି ମୌଲବୀ ଗୁଲାମ ଦସ୍ତଗିର୍ କସୁରୀର ପ୍ରାଣନାଶ ହେବା ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ]ଙ୍କ ଉକ୍ତିକୁ ଉଦ୍ଧାର କରି କହିଲେ । ଏକ ନିର୍ଣ୍ଣାୟକ ନିଷ୍ପତ୍ତିମୂଳକ ପଦକ୍ଷେପ ଗ୍ରହଣ କରି 'ମୁବାହିଲା' କରିବା ଅର୍ଥାତ ସତ୍ୟର ଜୟ ପାଇଁ ଉଭୟ ପକ୍ଷ ଅଲ୍ଲାଃଙ୍କ ନିକଟରେ ଯେଉଁ ପ୍ରାର୍ଥନା କରିଥିଲେ, ତାହାର ପରିଣାମ ସ୍ୱରୁପ ସେ କିପରି ଶୋଚନୀୟ ମୃତ୍ୟୁ ବରଣ କଲା ଏବଂ ହଜରତ ମସିହ ମଉଦ[ଅସ]ଙ୍କ ସତ୍ୟତାର ନିଦର୍ଶନକୁ ପ୍ରମାଣିତ କରି ଏହା କେମିତି ଘଟିଲା, ହଜୁର[ଅବ] ତାହା ବ୍ୟାଖ୍ୟା କଲେ ।

ଏହାପରେ ଆମ ପ୍ରିୟ ଖଲିଫା[ଅବ] ଆରବୀ ଭାଷା ଜ୍ଞାନ ଏବଂ ସାହିତ୍ୟରେ ପାଣ୍ଡିତ୍ୟ ଅର୍ଜନ କରିଥିବା ହଜରତ ମସିହ ମଉଦ[ଅସ]ଙ୍କ ପାରଦର୍ଶିତାକୁ ଦର୍ଶାଇ ତାଙ୍କର କେତେକ ଉକ୍ତି ଉପସ୍ଥାପନ କଲେ ।

ନିଜର ସାରଗର୍ଭକ ଖୁତବଃ ଜୁମାର ଶେଷରେ ହଜୁର[ଅବ] କହିଲେ, ହଜରତ ମସିହ ମଉଦ[ଅସ]ଙ୍କ ରହିଥିବା ଲକ୍ଷ ଲକ୍ଷ ଐଶ୍ୱରୀକ ଚିହ୍ନ ମଧ୍ୟରୁ ଅଳ୍ପ କେତୋଟି ଉଦ୍ଧାର କରି କହିଲି, ଯାହା ତାଙ୍କର ସତ୍ୟତାର ନିଦର୍ଶନ । ଏହି ସବୁ ପ୍ରକାଶିତ ଚିହ୍ନ କେବେ ବନ୍ଦ ହୋଇଯାଇ ନାହିଁ, ବରଂ ଆଜିମଧ୍ୟ ପୂରଣ ହେବାରେ ଲାଗିଛି । ଇଶ୍ୱରଙ୍କ କୃପାରୁ ଆଜି ମଧ୍ୟ ହଜାର ହଜାର ଲୋକ ଏହି ଚିହ୍ନକୁ ଦେଖି ବୟତ କରୁଛନ୍ତି ଏବଂ ଅହମଦୀୟା ଜମାଅତରେ ସାମିଲ ହେଉଛନ୍ତି । ହଜର ମହମ୍ମଦ[ସଅ]ଙ୍କ ପରମ ଅନୁରକ୍ତ ଏବଂ ଏ ଯୁଗର କଲ୍‌କୀ ମହାପୁରୁଷଙ୍କ ଆନୁଗତ୍ୟ ସ୍ୱୀକାର କରି ବହୁ ଧର୍ମପ୍ରାଣ ବ୍ୟକ୍ତି ତାଙ୍କର ଦୀକ୍ଷା ନେଉଛନ୍ତି । ଅବଶ୍ୟ ସେଥିପାଇଁ କେତେକ ସ୍ଥାନରେ ଅହମଦୀ ମାନଙ୍କୁ ଅନେକ କଷ୍ଟ ଭୋଗ କରିବାକୁ ପଡୁଛି, ବହୁ ନିର୍ଯ୍ୟାତନାର ସମ୍ମୁଖୀନ ହେବାକୁ ପଡୁଛି । କିନ୍ତୁ ଇଶ୍ୱର ଚାହିଲେ ଏହି ସବୁ ବିରୁଦ୍ଧାଚରଣ ଦୂର ହୋଇଯିବ । ସମୟ ଆସିବ, ଯେତେବେଳେ ଏହାକୁ ଦେଖି ଆମ ବିଶ୍ୱାସ ଦୃଢ଼ିଭୁତ ହେବ ଏବଂ ଧର୍ମ ଜ୍ଞାନରେ ବୃଦ୍ଧି ଘଟିବ ।

ପରିଶେଷରେ ହଜୁର[ଅବ] ସିରିୟା, ପାକିସ୍ତାନ ଏବଂ ମିଶର ଦେଶର ଅହମଦିମାନଙ୍କ ପାଇଁ ବିଶେଷ ଭାବରେ ଦୁଆ କରିବା ପାଇଁ କହିଲେ । ଅଲ୍ଲାଃତାଲା ସେସମସ୍ତଙ୍କ କଷ୍ଟ ଓ ଯାତନା ଦୂର କରିଦିଅନ୍ତୁ । ଆମକୁ ଏହାର ବିଶେଷ ଚିହ୍ନ ଯୁକ୍ତ ସୁଫଳ ଦେଖିବାକୁ ମିଳୁ । ଯଦ୍ୱାରା ସେମାନେ ସ୍ୱାଧୀନ ଭାବେ ଧର୍ମ ପାଳନ କରିବାକୁ ସମର୍ଥ ହୋଇ ପାରିବେ ଏବଂ ଅଲ୍ଲାଃଙ୍କ ଛାମୁରେ ନତମସ୍ତକ ହେବାର ସୁଯୋଗ ଲାଭ କରିବେ । ସେମାନଙ୍କୁ ନମାଜ ପାଠ କରିବାର ଯେଉଁ କଟକଣା ଲାଗି ରହିଛି, ସବୁଠାରେ ଅଲ୍ଲାଃତାଲା ସେହି ପ୍ରତିବନ୍ଧକ ଦୂର କରିଦିଅନ୍ତୁ ।

ମୁଁ ଜୁମା ନମାଜ ପରେ ଆମେରିକାର ଜଣେ ଅହମଦୀ ମହିଳା ଶ୍ରୀମତୀ ଲତିଫା ଇଲିୟାସ ଯେ କି ଓ୍ୱାଲଟିମୁର ର ବାସିନ୍ଦା ଥିଲେ, ତାଙ୍କର ମାର୍ଚ୍ଚ ୯ ତାରିଖ ଦିନ ସ୍ୱର୍ଗବାସ ହୋଇଗଲା । انا لله وانا اليه راجعون ତାଙ୍କ ପାଇଁ ନମାଜ ଜନାଜଃ ଗାଏବ୍ (ଅନ୍ତେଷ୍ଟିକ୍ରିୟା ମୂଳକ ନମାଜ) ପଢାଇବି ।

*ଓଡିଆରେ ଉପସ୍ଥାପନା :* **ଅହମଦୀୟା ସମୀକ୍ଷା କମିଟି, ଓଡିଶା**